# ସତ୍ୟପ୍ରକାଶ

NOV. & DEC.
2006




Greet one another with a holy kiss" II Cor 13 : 12

AN ORIYA BIMONTHLY BULLETIN
PUBLISHED BY THE CHURCH OF CHRIST

# THE VOICE OF TRUTH

Edited & Published By
Joshua & Kabita Gootam

## CHURCH OF CHRIST

P.O.Box.No 80, Kakinada
A.P. - 533 001.
Ph : 0884 - 2363722

**VOL.11. NOV. & DEC..2006 (NO.6)**

Published every two months in Oriya Language for the Restoration of pure New Testament Christianity

Watch SATYA VANI on TEJA Channel Every Saturday and every Tuesday on MAA TV at 6:30 a.m. and every Thursday on VISSA TV at 7:00 a.m. in Telugu Language.

**Speakers : Joshua Gootam & Ricky Gootam**

---

Write for free Bible Correspondence Course in Telugu & Oriya to:

The Director
Bible Correspondence Course
P.O.Box. 80, KAKINADA - 533 001.

# ସତ୍ୟବାଣୀ

# VOICE OF TRUTH

VOL - XI KAKINADA NOV-DEC

## ଖ୍ରୀଷ୍ଟଙ୍କ ମଣ୍ଡଳୀ ଭାରତରେ କେତେଦିନ ଯାଏ ସ୍ଥିର ହୋଇ ରହିପାରିବ ?

### (How long will the Church of Christ be in India)

ଅନେକଥର ପ୍ରଶ୍ନ ଉଠେ, ''ଖ୍ରୀଷ୍ଟଙ୍କ ମଣ୍ଡଳୀ ଭାରତରେ କେତେଦିନ ଯାଏ ସ୍ଥିର ହୋଇ ରହିପାରିବ ?'' ଏହି ପ୍ରଶ୍ନର ଉତ୍ତର କେବଳ ଭାରତୀୟ ଖ୍ରୀଷ୍ଟିୟାନ ହିଁ ଦେବା ଆବଶ୍ୟକ । ଯଦି ଈଶ୍ୱରପ୍ରେମୀ ଓ ବିଶ୍ୱସ୍ତ ଲୋକ ଭାରତରେ ଯଥେଷ୍ଟ ସଂଖ୍ୟାରେ ଥାଆନ୍ତି, ତାହାହେଲେ ଏହି ମଣ୍ଡଳୀ ଏହିଁଠାରେ ଚିରସ୍ଥାୟୀ ହୋଇ ରହିପାରିବ । ଏତଦ୍‌ବ୍ୟତୀତ ଏହି ମଣ୍ଡଳୀ ଏହିଠାରେ ସ୍ଥିର ହୋଇ ରହିବା ଅସମ୍ଭବ ।

ଏଠାରେ ବିଦେଶୀ ଖ୍ରୀଷ୍ଟିୟାନ ରହିବା ନ ରହିବାରେ କିମ୍ବା ବିଦେଶୀୟ ସାହାଯ୍ୟ ଆସିବା ନ ଆସିବାରେ କିଛି ପ୍ରଭେଦ ନାହିଁ । ଅଥବା ମଣ୍ଡଳୀଗୃହଗୁଡ଼ିକ ଥିବା ନଥିବାରେ ମଧ୍ୟ କିଛି ପାର୍ଥକ୍ୟ ନାହିଁ । କିନ୍ତୁ ସ୍ଥାନୀୟ ସଭ୍ୟମାନେ ଈଶ୍ୱରଙ୍କ ଇଚ୍ଛାନୁଯାୟୀ କର୍ମ କରିବାରେ ଇଚ୍ଛୁକ କି ନୁହନ୍ତି ଏହା ହେଲା ପ୍ରକୃତ ସମସ୍ୟା । ଏହି ବିଷୟ ଉପରେ ଭାରତରେ ଖ୍ରୀଷ୍ଟଙ୍କ ମଣ୍ଡଳୀର ଭବିଷ୍ୟତ ନିର୍ଭର କରେ ।

ଏହି ବିଷୟ ଭାରତ ବ୍ୟତୀତ ଅନ୍ୟ ଦେଶଗୁଡ଼ିକ ସମ୍ବନ୍ଧରେ ସୁଦ୍ଧା ସତ୍ୟ । ଈଶ୍ୱରଙ୍କ ଆଜ୍ଞାବହ ଓ ତାଙ୍କ ସେବାକାରୀ ଲୋକମାନଙ୍କ ଦ୍ୱାରା ହିଁ ଖ୍ରୀଷ୍ଟଙ୍କ ମଣ୍ଡଳୀ ସ୍ଥିର ହୋଇ ରହି ପାରିବ । ଏମାନଙ୍କ ବ୍ୟତୀତ ମଣ୍ଡଳୀ ସ୍ଥିର ହୋଇ ରହିବା ଅସମ୍ଭବ ।

ବେଳେବେଳେ ସ୍ଥାନୀୟ ଲୋକେ ଅସ୍ଥାୟୀ ସଂସ୍ଥାରେ ସଭ୍ୟ ହେବା ନିମନ୍ତେ ଦ୍ୱିଧା କରନ୍ତି । ଏଥିରେ ଆପଣ ଭୟ କରିବାରେ କୌଣସି ଆବଶ୍ୟକତା ନାହିଁ । କାରଣ ଥରେ ଆପଣ ଈଶ୍ୱରଙ୍କ ପରିବାରରେ ଜନ୍ମ ନେବା ପରେ ଚିରକାଳ ସେଥିର ସଭ୍ୟ ଅଟନ୍ତି । ଆପଣଙ୍କ ଅଞ୍ଚଳରେ କାମ ଆରମ୍ଭ କରିଥିବା ପ୍ରଚାରକ, ଆପଣଙ୍କ

ଅଞ୍ଚଳ ଛାଡ଼ିଦେଇ ଚାଲିଯାଇପାରେ । କିନ୍ତୁ ସେପରି ଖ୍ରୀଷ୍ଟଙ୍କୁ ବା ଖ୍ରୀଷ୍ଟିୟାନତ୍ୱଙ୍କୁ ଘେନିଯାଇନପାରେ, ସେହିପରି ସେ ଆପଣା ସହିତ ମଣ୍ଡଳୀ ମଧ୍ୟ ଘେନିଯାଇ ପାରେନାହିଁ । ତେଣୁ ଆପଣଙ୍କ ଅଞ୍ଚଳରେ ଅନ୍ୟ ସଭ୍ୟମାନଙ୍କ ସହିତ ମିଳିମିଶି ମଣ୍ଡଳୀକୁ ଚଳାଇବା ନିମନ୍ତେ ଆପଣଙ୍କୁ ନିଶ୍ଚିତଭାବେ ଶିଖିବା ଆବଶ୍ୟକ ।

ଆପଣ ଏହା ଜାଣି ଆନନ୍ଦିତ ହେବେ ଯେ, ଖ୍ରୀଷ୍ଟଙ୍କ ମଣ୍ଡଳୀ ଦିଲ୍ଲୀ ଛଡ଼ା ବମ୍ବେ, ଲକ୍ଷ୍ନୌ, ସିଲନ୍, ମାନ୍ଦ୍ରାଜ, ହାଇଦ୍ରାବାଦ ଓ ଅନେକ ଛୋଟ ଛୋଟ ସହର ଓ ଗ୍ରାମରେ ମଧ୍ୟ ରହିଛି । ବର୍ତ୍ତମାନ ଏହା ଭାରତସାରା ବ୍ୟାପିନାହିଁ ବୋଲି ଭବିଷ୍ୟତରେ ଏହା ବ୍ୟାପିବ ନାହିଁ ବୋଲି ଏହାର କାରଣ ନୁହେଁ । ଅନ୍ୟ ପକ୍ଷରେ ମଣ୍ଡଳୀ ଅତି ଶୀଘ୍ର ଗତିରେ ଦେଶସାରା ବ୍ୟାପୁଅଛି ଅର୍ଥାତ୍ ଏହା ଏଠାରେ ଚିରସ୍ଥାୟୀ ହୋଇ ରହିବ ।

ଯଦିଓ ଖ୍ରୀଷ୍ଟଙ୍କ ମଣ୍ଡଳୀ ଭାରତରେ କିଛିବର୍ଷ ପୂର୍ବେ ସ୍ଥାପିତ ହୋଇଅଛି, ତଥାପି ଏହା ଏକ ନୂତନ ମଣ୍ଡଳୀ ନୁହେଁ । ଇତିହାସ ଅନୁଯାୟୀ ପ୍ରଥମ ଶତାବ୍ଦୀରେ ଖ୍ରୀଷ୍ଟଙ୍କ ସୁସମାଚାର ଓ ତାହାଙ୍କର ମଣ୍ଡଳୀ ଏହି ଦେଶକୁ ପ୍ରେରିତ ଥୋମାଙ୍କ ଦ୍ୱାରା ଆସିଥିଲା । ପାଉଲଙ୍କ (କଲସୀ ୧:୨୩) ପଦନୁଯାୟୀ ଖ୍ରୀଷ୍ଟଙ୍କ ସୁସମାଚାର ଆକାଶମଣ୍ଡଳ ତଳେ ଥିବା ସମସ୍ତ ସୃଷ୍ଟି ନିକଟରେ ପ୍ରଚାରିତ ହୋଇଅଛି । ସେଥିରେ ଭାରତ ମଧ୍ୟ ଅନ୍ତର୍ଭୁକ୍ତ । ତେବେ ସେ ସମୟରେ ଯେଉଁମାନେ ସୁସମାଚାର ଶୁଣି ତହିଁର ଆଜ୍ଞାବହ ହେଲେ, ସେମାନେ କ'ଣ ହୋଇପାରିଥିଲେ ? (ପ୍ରେରିତ ୨:୪୭) ଅନୁଯାୟୀ ସେମାନେ ଖ୍ରୀଷ୍ଟଙ୍କ ମଣ୍ଡଳୀର ସଭ୍ୟ ହୋଇପାରିଥିଲେ । ତେବେ ସେମାନେ ସମସ୍ତେ କୁଆଡ଼େ ଗଲେ ? ଯାହା ଅନ୍ୟ ଦେଶମାନଙ୍କରେ ଘଟିଥିଲା, ତାହା ଏହି ଦେଶରେ ମଧ୍ୟ ଘଟିଥିଲା । ସମୟାନୁକ୍ରମେ ଲୋକେ ଭ୍ରାନ୍ତହେବାରୁ ମଣ୍ଡଳୀର ରୂପ ବଦଳିଗଲା । ଏହା ଯେପରିଭାବେ ଆରମ୍ଭ ହୋଇଥିଲା, ସେପରି ରହିପାରିଲା ନାହିଁ । ଅର୍ଥାତ୍ ଗତ କିଛି ବର୍ଷରୁ ଭାରତରେ ପ୍ରଥମରୁ ଥିବା ପୁରାତନ ଖ୍ରୀଷ୍ଟଙ୍କ ପୁର୍ନସ୍ଥାପନ କରାଯାଇଅଛି ।

ଖ୍ରୀଷ୍ଟଙ୍କ ମଣ୍ଡଳୀ, ଆମେରିକାନ୍ ମଣ୍ଡଳୀ ନୁହେଁ ବୋଲି ଆପଣଙ୍କର ମନେ ରଖିବା ଉଚିତ । ଏହାର ଆରମ୍ଭ ଆମେରିକାରେ ହୋଇନଥିଲା । ପ୍ରେରିତ ୨ୟ ଅଧ୍ୟାୟନୁଯାୟୀ, ଏହା ଯିରୁଶାଲମରେ (ଯାହା ଏସିଆରେ ଅଛି) ଦୁଇ ହଜାର ବର୍ଷ ପୂର୍ବେ ଆରମ୍ଭ ହୋଇଥିଲା । ଏହାର ଆରମ୍ଭ ମନୁଷ୍ୟମାନଙ୍କ ଦ୍ୱାରା ନହୋଇ ଖ୍ରୀଷ୍ଟଙ୍କ ଦ୍ୱାରା ହୋଇଥିଲା । (ମାଥିଉ ୧୬:୧୮)

ବାଇବଲରେ, ମଣ୍ଡଳୀର ସଂପୂର୍ଣ୍ଣ ଆଦର୍ଶ (Pattern) ଦିଆଯାଇଅଛି । ତେଣୁ ସେହି ଆଦର୍ଶ ଅନୁସରଣ ଦ୍ୱାରାହିଁ ଖ୍ରୀଷ୍ଟଙ୍କ ମଣ୍ଡଳୀ ସ୍ଥାପିତ ହୋଇପାରିବ । ଏହି ତଥ୍ୟ ଭାରତରେ ତଥା ଅନ୍ୟ ଦେଶଗୁଡ଼ିକ ବିଷୟରେ ମଧ୍ୟ ସତ୍ୟ । ଏହି ଆଦର୍ଶ (Pattern) ବିଷୟରେ କେତୋଟି ବିଷୟ ଜାଣିବା :-

୧) ମଣ୍ଡଳୀ କାହାଦ୍ୱାରା ସ୍ଥାପିତ ହୋଇଥିଲା, ବାଇବଲରେ ପଢ଼ିବାକୁ ପାଉ (ମାଥିଉ ୧୬:୧୮) ।

୨) ମଣ୍ଡଳୀ କେଉଁଠାରେ ସ୍ଥାପିତ ହୋଇଥିଲା, ଏହା ମଧ୍ୟ ବାଇବଲରେ ଲିଖିତ ଅଛି । (ପ୍ରେରିତ ୨ୟ ଅଧ୍ୟାୟ)

୩) ଏହା କେବେ ସ୍ଥାପିତ ହୋଇଥିଲା, ତାହା ମଧ୍ୟ ବାଇବଲରେ ବର୍ଣ୍ଣନା କରାଯାଏ । (ପ୍ରେରିତ ୨ୟ ଅଧ୍ୟାୟ)

୪) ମଣ୍ଡଳୀ କେଉଁ ନାମ ଧାରଣ କରିଥିଲା, ଏହା ବାଇବଲରେ ବର୍ଣ୍ଣିତ ହୋଇଅଛି । (ରୋମୀୟ ୧୬:୧୬)

୫) ମଣ୍ଡଳୀର ସଭ୍ୟମାନେ କେଉଁ ନାମରେ ଖ୍ୟାତ ହେଲେ, ତାହା ମଧ୍ୟ ବାଇବଲ କହେ । (ପ୍ରେରିତ ୧୧:୨୬)

୬) ଲୋକେ କିପରି ଭାବେ ମଣ୍ଡଳୀର ସଭ୍ୟ ହୋଇ ପାରିଥିଲେ, ଏହା ଆମ୍ଭେମାନେ ବାଇବଲର ପୃଷ୍ଠାରେ ପଢ଼ିପାରୁ । (ମାର୍କ ୧୬:୧୫, ପ୍ରେରିତ ୨:୩୮, ୪୭)

୭) ମଣ୍ଡଳୀର ଆରାଧନା ପଦ୍ଧତି ସମ୍ବନ୍ଧରେ ମଧ୍ୟ ବାଇବଲ ସରଳଭାବରେ ବୁଝାଇଦିଏ । (ପ୍ରେରିତ ୨୦:୭)

୮) ମଣ୍ଡଳୀର ମସ୍ତକ ବିଷୟରେ ମଧ୍ୟ ବାଇବଲରେ ସ୍ପଷ୍ଟଭାବେ ଲିଖିତ ହୋଇଅଛି । (କଲସୀ ୧:୧୮)

୯) ମଣ୍ଡଳୀର କେତୋଟି ମସ୍ତକ ଅଛି, ତାହା ମଧ୍ୟ ବାଇବଲରେ ବର୍ଣ୍ଣନା କରାଯାଏ । (ଏଫିସୀ ୪:୪, ଏଫିସୀ ୧:୨୨,୨୩)

ଏତଦ୍‌ବ୍ୟତୀତ ବାଇବଲରେ ଅନ୍ୟ ବିଷୟଗୁଡ଼ିକ ସମ୍ବନ୍ଧରେ ମଧ୍ୟ ଲେଖାଯାଇଅଛି । କିନ୍ତୁ ଲୋକେ ଯେତେବେଳେ ଉପରଲିଖିତ ଆଦର୍ଶ (Pattern) ଅନୁସରଣ କରନ୍ତି ସେତେବେଳେ ଖ୍ରୀଷ୍ଟଙ୍କ ମଣ୍ଡଳୀର ସଭ୍ୟହୋଇ ପାରନ୍ତି । ବାଇବଲରେ ଲିଖିତ ମଣ୍ଡଳୀର ଆଦର୍ଶ (Pattern) ଅନୁସରଣ କରିବା ଲୋକେ ଜଗତର ଭିନ୍ନ

ଭିନ୍ନ ସ୍ଥାନରେ ଥିଲେ ହେଁ, ସେମାନେ ପ୍ରତ୍ୟେକ ଖ୍ରୀଷ୍ଟଙ୍କ ଠାରେ ଏକ ଅଟନ୍ତି ଓ ଏକ ଶରୀରରୂପ ମଣ୍ଡଳୀର ଅନ୍ତର୍ଭୁକ୍ତ ।

ଏଠାରେ ଲିଖିତ ବିଷୟଗୁଡ଼ିକ ବାଇବଲ ଅନୁଯାୟୀ ଅଛି କି ନାହିଁ, ଦୟାକରି ଅନୁସନ୍ଧାନ କରି ଦେଖନ୍ତୁ । ଆପଣ ଏହିସବୁ ବିଷୟ ସତ୍ୟବୋଲି ଜାଣିବା ପରେ ତାହା ଗ୍ରହଣ କରନ୍ତୁ । ଅପରପକ୍ଷରେ, ଏହା ଯଦି ଅସତ୍ୟ ବୋଲି ଭାବନ୍ତି, ତାହାହେଲେ ଏହିସବୁ ବିଷୟ ଅଗ୍ରାହ୍ୟ କରନ୍ତୁ । ଆପଣ ପ୍ରକୃତରେ ମନଧ୍ୟାନ ସହ ଏହିସବୁ ବିଷୟ ସତ୍ୟବୋଲି ଜାଣିବା ପରେ ତାହା ଗ୍ରହଣ କରନ୍ତୁ । ଆପଣ ପ୍ରକୃତରେ ମନଧ୍ୟାନ ସହ ଏହିସବୁ ବିଷୟ ଅନୁସନ୍ଧାନ କରିଲେ, ଏଥିରେ ଥିବା ସତ୍ୟତା ବୁଝିପାରିବେ । ଆପଣଙ୍କୁ କେହି ପଥଭ୍ରଷ୍ଟ କରିବାକୁ ଚେଷ୍ଟିତ ନୁହେଁ । ଆମ୍ଭେମାନେ ଆପଣଙ୍କୁ ସାହାଯ୍ୟ କରିବାକୁ ଚାହୁଁ ଏବଂ ବାଇବଲରେ ଲିଖିତ ଈଶ୍ୱରଙ୍କ ବାକ୍ୟ ବିଷୟରେ ଆପଣଙ୍କୁ ଜଣାଇବାହିଁ ଉତ୍କୃଷ୍ଟତମ ସାହାଯ୍ୟ ବୋଲି ଆମେ ବିଶ୍ୱାସ କରୁ ।

ଅତଏବ, ଭାରତରେ ଖ୍ରୀଷ୍ଟଙ୍କ ମଣ୍ଡଳୀ ଚିରସ୍ଥାୟୀ ରହିବାରେ ଆପଣ ଯଦି ଆକାଂକ୍ଷିତ, ତେବେ ଆପଣ ଖ୍ରୀଷ୍ଟଙ୍କ ଆଜ୍ଞାବହ ହୋଇ ଅନ୍ୟମାନଙ୍କୁ ମଧ୍ୟ ଆଜ୍ଞାବହ ହୋଇ ରହିବାରେ ଉତ୍ସାହ ଦିଅନ୍ତୁ । ଆପଣଙ୍କ ଓ ଆପଣଙ୍କ ପରି ଅନ୍ୟମାନଙ୍କ ଦ୍ୱାରା ହିଁ ଏହି ମଣ୍ଡଳୀ ଏଠାରେ ସ୍ଥାୟୀ ହୋଇ ରହିପାରିବ ।

***J.C. Choate***

❋❋❋

# ଆପଣ କଅଣ ପରିଧାନ କରିଅଛନ୍ତି ?

## (What have you put on)

ମନୁଷ୍ୟମାନେ ଆପଣା ଆର୍ଥିକ ପରିସ୍ଥିତି ଅନୁଯାୟୀ ପୋଷାକ ଧାରଣ କରନ୍ତି । ଅନ୍ୟପକ୍ଷରେ ଆମ୍ଭେମାନେ ପରିଧାନ କରିଥିବା ପୋଷାକ ଆମ୍ଭମାନଙ୍କ ଆର୍ଥିକ ପରିସ୍ଥିତି ବିଷୟରେ କହେ । ନର୍ସ, ପୋଲିସ୍, ବିଦ୍ୟାର୍ଥୀମାନେ ଆପଣା ପୋଷାକ ଦ୍ୱାରା ସମାଜରେ ସୁପରିଚିତ ଅଟନ୍ତି । ବେଳେବେଳେ ଆମ୍ଭମାନଙ୍କ ପୋଷାକ ଆମ୍ଭମାନଙ୍କ ଜାତୀୟତା ପ୍ରକାଶ କରେ । ଦାମିକା ପୋଷାକ ଧାରଣ କରିଥିବା ବ୍ୟକ୍ତିମାନେ ସମାଜରେ ଉନ୍ନତସ୍ଥାନ ଧାରଣ କରିଥାନ୍ତି । (ଯାକୁବ ୨:୨-୩) ଭୋଗବିଳାସରେ ଜୀବନଯାପନ କରିବା ଲୋକେ ବହୁମୂଲ୍ୟ ପୋଷାକ ଧାରଣ କରି ଜୀବନ ଉପଭୋଗ କରନ୍ତି ।

ସଦାପ୍ରଭୁ ମନୁଷ୍ୟକୁ ସୃଷ୍ଟି କରିବା ସମୟରେ ନର ଓ ନାରୀ ଦୁହେଁ ଉଲଗ୍ନ ଥିଲେ । ସେମାନେ ଆଜ୍ଞା ଲଂଘନ କରି ନିଷେଧିତ ଫଳ ଖାଇବା ପରେ ସେମାନଙ୍କ ଚକ୍ଷୁ ଉନ୍ମୁକ୍ତ ହେଲା । "ତହିଁରେ ସେମାନଙ୍କ ଚକ୍ଷୁ ପ୍ରସନ୍ନ ହୁଅନ୍ତେ, ସେମାନେ ନିଜ ଉଲଙ୍ଗତା ବୋଧ ପାଇ ଡିମିରି ବୃକ୍ଷର ପତ୍ର ସିଲାଇ ଘାଗରା ବନାଇଲେ ।" (ଆଦି ୩:୭) ସେମାନଙ୍କ ଚକ୍ଷୁ ଉନ୍ମୁକ୍ତ ହେବା ପରେ ସର୍ବପ୍ରଥମେ ଆପଣା ନିମନ୍ତେ ପୋଷାକ ସିଲାଇଲେ । ଆଦମ ଓ ହବାଙ୍କ କୃତ ପାପ ସଦାପ୍ରଭୁ ଜ୍ଞାତ ହୋଇ ସେମାନଙ୍କୁ ଓ ସର୍ପକୁ ଅଭିଶାପ ଦେଲା ପରେ, "......ଆଉ ସଦାପ୍ରଭୁ ପରମେଶ୍ୱର ଚର୍ମର ବସ୍ତ୍ର ପ୍ରସ୍ତୁତ କରି ଆଦମ ଓ ତାଙ୍କର ଭାର୍ଯ୍ୟାଙ୍କୁ ପିନ୍ଧାଇଲେ ।" (ଆଦି ୩:୨୧) ସଦାପ୍ରଭୁ ଆପେ, ଆମ୍ଭମାନଙ୍କ ଆଦିପିତାଙ୍କ ନିମନ୍ତେ ଚର୍ମର ପୋଷାକ ବନାଇଥିଲେ । ଯୋଶେଫଙ୍କ ପ୍ରତି ଆପଣା ପ୍ରଗାଢ଼ ପ୍ରେମ ପ୍ରକାଶ କରିବା ନିମନ୍ତେ ଯାକୁବ ତାହାଙ୍କ ନିମନ୍ତେ ରଙ୍ଗବେରଙ୍ଗର ପୋଷାକ ପ୍ରଦାନ କରୁଥିଲେ । ସୈନ୍ୟାଧିପତି ସଦାପ୍ରଭୁ, ହାରଣଙ୍କୁ ମହାଯାଜକ ରୂପେ ଅଭିଷିକ୍ତ କରିବା ସମୟରେ ନିର୍ଦ୍ଦେଶ କରିଥିଲେ (ଯାତ୍ରା ୨୮:୨-୧୪) । ଦାଉଦ କହନ୍ତି, "ଦେଖ, ଭାଇମାନେ ମିଳନରେ ଏକତ୍ର ବାସ କରିବା କିପରି ଉତ୍ତମ ଓ ମନୋହର । ତାହା ମସ୍ତକରେ ବହୁମୂଲ୍ୟ ତୈଳସ୍ୱରୂପ, ଯାହା ଦାଢ଼ିରେ, ଅର୍ଥାତ୍ ହାରୋଣଙ୍କର ଦାଢ଼ିରେ ବହି ତାଙ୍କ ବସ୍ତ୍ରାଞ୍ଚଳରେ ପଡ଼ିଲା ।" (ଗୀତ ୧୩୩:୧-୨) ଶାମୁୟେଲଙ୍କ ବିଷୟରେ କୁହାଯାଏ, "ସେ ସମୟରେ ଶାମୁୟେଲ ବାଳକ ଶୁକ୍ଳ ଏଫୋଦ ପିନ୍ଧି ସଦାପ୍ରଭୁଙ୍କ ସମ୍ମୁଖରେ ପରିଚର୍ଯ୍ୟା କଲେ,

ଆହୁରି ତାଙ୍କର ମାତା ପ୍ରତିବର୍ଷ ଆପଣା ସ୍ୱାମୀ ସଙ୍ଗେ ବାର୍ଷିକ ବଳି ଉତ୍ସର୍ଗ କରିବାକୁ ଆସିବା ବେଳେ ତାଙ୍କ ପାଇଁ ଗୋଟିଏ ସାନ ଚୋଗା ବନାଇ ତାଙ୍କ କତିକି ଆଣିଥାଏ ।'' (୧ମ ଶାମୁୟେଲ ୨:୧୮,୧୯) । ଭାବବାଦୀ ଏଲିୟ ଆପଣା ଉପରେ ଥିବା ବସ୍ତ୍ର ଇଲୀଶାୟଙ୍କ ଉପରେ ପକାଇ ତାହାଙ୍କ ପରବର୍ତ୍ତୀ ଭାବବାଦୀରୂପେ ମନୋନୀତ କରିଥିଲେ, (୧ମ ରାଜା ୧୯:୧୯) । ସ୍ୱର୍ଗୀୟ ଅଗ୍ନିମୟ ରଥ ଓ ଅଗ୍ନିମୟ ଅଶ୍ୱମାନ ଏଲିୟଙ୍କୁ ସ୍ୱର୍ଗକୁ ଘେନିଯିବା ସମୟରେ, ଏଲିୟଙ୍କ ବସ୍ତ୍ର ଇଲିଶାୟ ସଂଗ୍ରହ କରି, ତାହାଙ୍କ ଦ୍ୱିଗୁଣ ଆତ୍ମା ପାଇଲେ । (୨ୟ ରାଜାବଳି ୨:୮-୧୩) । ଯାଜକ, ମହାଯାଜକ, ରାଜା ଓ ରାଣୀମାନେ ବିଶେଷ ପୋଷାକ ଧାରଣ କରୁଥିଲେ ।

ଦୁଇଶହ ଶେକଲ ରୂପା, ପଚାଶ ଶେକଲ ସୁନାମୁଣ୍ଡା ଓ ଏକ ସୁନ୍ଦର ବାବିଲୀୟ ବସ୍ତ୍ର ଲୋଭ କରିଥିବାରୁ ଆଖାନ ଓ ତାହାଙ୍କ ପରିବାର ପ୍ରସ୍ତରାଘାତରେ ବଧ ହେଲେ । (ଯିହୋଶୂୟ ୭:୧-୨୬) । ଦୁଇ ତ୍ୱାଳନ୍ତ ରୂପ ଓ ଦୁଇ ସାଜ ପୋଷାକ ଲୋଭରେ, ଇଲୀଶାୟଙ୍କ ଦାସ ଗୀହେଜୀ କୁଷ୍ଠ ରୋଗରେ ଆକ୍ରାନ୍ତ ହେଲେ । (୨ୟ ରାଜାବଳୀ ୫:୧-୨୬)

ନୂତନ ନିୟମରେ, ଶିଶୁ ଯିଶୁ ଲୁଗାରେ ଗୁଡ଼ାହୋଇ ଗୁହାଳ କୁଣ୍ଡରେ ଶୋଇଥିଲେ ବୋଲି ଲୁକ ୨:୧୨ ପଦରେ ପଢ଼ିଥାଉଁ । ବାପ୍ତିଜକ ଯୋହନ ଓଟଲୋମର ବସ୍ତ୍ର ପିନ୍ଧୁଥିଲେ ଓ ଆପଣା କଟିରେ ଚର୍ମପଟୁକା ବାନ୍ଧୁଥିଲେ । (ମାଥିଉ ୩:୪) ଯୀଶୁଙ୍କ ଆହ୍ୱାନରେ ଅନ୍ଧ ବର୍ଟୀମୟ ଆପଣା ଚାଦର ଫୋପାଡ଼ି ଦେଇ ତାହାଙ୍କ ନିକଟକୁ ଦୌଡ଼ି ଆସିଥିଲା । (ମାର୍କ ୧୦:୫୦) । ରୂପାନ୍ତରିତ ହେବା ସମୟରେ ଯୀଶୁଙ୍କ ମୁଖ ସୂର୍ଯ୍ୟ ପରି ଉଜ୍ଜ୍ୱଳ ଓ ତାହାଙ୍କ ବସ୍ତ୍ର ଆଲୋକ ପରି ଶୁଭ୍ରବର୍ଣ୍ଣ ହେଲା । (ମାଥିଉ ୧୭:୨) । ଯୀଶୁ କ୍ରୁଶରେ ହତ ହେବା ସମୟରେ, ତାହାଙ୍କ ବସ୍ତ୍ର ନିମନ୍ତେ ସୈନ୍ୟମାନେ ଗୁଲିବାଣ୍ଟ କରିଥିଲେ । ଖ୍ରୀଷ୍ଟ ପୁନଃରୁଥାନ ହେବା ସ୍ଥଳରେ ଉପସ୍ଥିତ ଦୂତମାନେ ହିମ ସଦୃଶ ଉଜ୍ଜ୍ୱଳ ବସ୍ତ୍ର ପରିଧାନ କରିଥିଲେ ବୋଲି ମାଥିଉ ୨୮:୩, ମାର୍କ ୧୬:୫, ଲୁକ ୨୪:୪, ଯୋହନ ୨୦:୧୨ ପଦରେ ଲିଖିତ ହୋଇଅଛି । ପୁନଃରୁଥାନର ଚାଳିଶି ଦିନ ପରେ ଖ୍ରୀଷ୍ଟ ସ୍ୱର୍ଗାରୋହଣ କରିବା ସମୟରେ ଶୁକ୍ଳବସ୍ତ୍ର ପରିହିତ ଦୁଇଜଣ ମେଘରୁ ଦେଖା ଦେଇ କହିଲେ, ''......ହେ ଗାଲିଲୀୟ ଲୋକେ, କାହିଁକି ତୁମ୍ଭେମାନେ ଆକାଶ ଆଡ଼କୁ ଚାହିଁ ଠିଆ ହୋଇଅଛ ? ଏହି ଯେଉଁ ଯୀଶୁ ତୁମ୍ଭମାନଙ୍କ ନିକଟରୁ ସ୍ୱର୍ଗରେ ଗୃହୀତ ହେଲେ, ତାହା ତୁମ୍ଭେମାନେ ଯେଉଁ ପ୍ରକାରେ ସ୍ୱର୍ଗକୁ ଯିବାର ଦେଖିଲ, ସେ ସେହିପ୍ରକାରେ ଆଗମନ କରିବେ ।'' (ପ୍ରେରିତ ୧:୧୦) ପାତ୍ମ ଦ୍ୱୀପରେ

ଯୀଶୁଖ୍ରୀଷ୍ଟ ଯୋହନଙ୍କୁ ଦର୍ଶନ ଦେବା ସମୟରେ ପାଦ ପର୍ଯ୍ୟନ୍ତ ବସ୍ତ୍ର ପିନ୍ଧିଥିଲେ ବୋଲି ପ୍ରକାଶିତ ବାକ୍ୟ ୧:୧୩ ପଦରେ ପଢ଼ିଥାଉ ।

ଉପରୋକ୍ତ ବାକ୍ୟସବୁରୁ ମନୁଷ୍ୟର ଜୀବନରେ ପୋଷାକର ପ୍ରାଧାନ୍ୟତା ବିଷୟରେ ବୁଝିପାରୁ । କିନ୍ତୁ ଯୀଶୁ କହନ୍ତି,"......କଅଣ ଖାଇବ ବା କଅଣ ପିଇବ; ଏପରି ଭାଳି ତୁମ୍ଭମାନଙ୍କ ଜୀବନ ନିମନ୍ତେ, କିଅବା କଅଣ ପିନ୍ଧିବ ଏପରି ଭାଳି ତୁମ୍ଭମାନଙ୍କ ଶରୀର ନିମନ୍ତେ ମଧ୍ୟ ଚିନ୍ତା କର ନାହିଁ ।" (ମାଥିଉ ୬:୨୫) । ଆମ୍ଭେମାନଙ୍କ ପୋଷାକ ନିମନ୍ତେ ଅଧିକ ଚିନ୍ତା ନ କରୁ ! ଲୁକ ୧୬:୧୯-୩୧ ବର୍ଣ୍ଣିତ ଧନୀ ଲୋକ ବହୁମୂଲ୍ୟ ବସ୍ତ୍ର ପିନ୍ଧି ମହା ଆଡ଼ମ୍ବରରେ ପ୍ରତିଦିନ ଆମୋଦ ପ୍ରମୋଦ କରୁଥିଲା, କିନ୍ତୁ ଆପଣା ଆତ୍ମିକ ଜୀବନ ନିମନ୍ତେ କେବେ ଚିନ୍ତିତ ନଥିଲେ । ପ୍ରେରିତ ପାଉଲ କହନ୍ତି,"ଯେଣୁ ତୁମ୍ଭେମାନେ ଯେତେଲୋକ ଖ୍ରୀଷ୍ଟଙ୍କ ଉଦ୍ଦେଶ୍ୟରେ ବାପ୍ତିଜିତ ହୋଇଅଛ, ତୁମ୍ଭେମାନେ ସମସ୍ତେ ଖ୍ରୀଷ୍ଟଙ୍କୁ ପରିଧାନ କରିଅଛ ।" (ଗାଲାତୀ ୩:୨୭) ଖ୍ରୀଷ୍ଟିୟାନମାନେ ଆପଣା ଜୀବନରେ ଖ୍ରୀଷ୍ଟଙ୍କୁ ପରିଧାନ କରିଅଛନ୍ତି । ଖ୍ରୀଷ୍ଟଙ୍କୁ ପରିଧାନ କରିଥିବା ପାଉଲ ଆପଣା ବିଷୟରେ କହନ୍ତି,"ମୁଁ ଖ୍ରୀଷ୍ଟଙ୍କ ସହିତ କ୍ରୁଶରେ ହତ ହୋଇଅଛି, ମୁଁ ଆଉ ଜୀବିତ ନୁହେଁ, ମାତ୍ର ଖ୍ରୀଷ୍ଟ ମୋ ଠାରେ ଜୀବିତ ଅଛନ୍ତି, ମୁଁ ଶରୀରରେ ଥାଇ ବର୍ତ୍ତମାନ ଯେଉଁ ଜୀବନଯାପନ କରୁଅଛି, ତାହା ବିଶ୍ୱାସରେ, ଅର୍ଥାତ୍ ଈଶ୍ୱରଙ୍କ ଯେଉଁ ପୁତ୍ର ମୋତେ ପ୍ରେମ କରି ମୋ ନିମନ୍ତେ ଆପଣାକୁ ଉତ୍ସର୍ଗ କଲେ, ତାହାଙ୍କ ଠାରେ ବିଶ୍ୱାସ କରି ଯାପନ କରୁଅଛି ।" (ଗାଲାତୀ ୨:୨୦) ମନ୍ଦିରର ସୁନ୍ଦର ନାମକ ଫାଟକ ନିକଟରେ ପ୍ରେରିତ ପିତର ଓ ଯୋହନ ଏକ ଖଞ୍ଜ ବ୍ୟକ୍ତିଙ୍କୁ ସୁସ୍ଥ କରିଥିଲେ । ଏତଦ୍ୱାରା ଶାସନକର୍ତ୍ତା, ଯାଜକ ଓ ଶାସ୍ତ୍ରୀମାନେ ସେମାନଙ୍କ ବିରୁଦ୍ଧରେ ଗଣ୍ଡଗୋଳ ସୃଷ୍ଟି କଲେ । ପିତର ଓ ଯୋହନ ସାହସ ସହ ସେମାନଙ୍କୁ ଜବାବ ଦେଇଥିଲେ । ଲେଖାଯାଏ,"ସେମାନେ ପିତର ଓ ଯୋହନଙ୍କ ସାହସ ଦେଖି ସେମାନେ ଯେ ଅଶିକ୍ଷିତ ଓ ଅଜ୍ଞାନୀ ଲୋକ, ଏହା ବୁଝି ଚମତ୍କୃତ ହେଲେ, ପୁଣି ସେମାନେ ଯୀଶୁଙ୍କ ସାଙ୍ଗରେ ଥିଲେ ବୋଲି ସେମାନଙ୍କୁ ଚିହ୍ନିଲେ ।" (ପ୍ରେରିତ ୪:୧୩) ପ୍ରେରିତ ପାଉଲ ଓ ଯୋହନ ଯୀଶୁଙ୍କୁ ଧାରଣ କରିଥିଲେ, ଲୋକେ ସେମାନେ ଯେ ଖ୍ରୀଷ୍ଟଙ୍କର ଅନୁଚର ଏହା ବୁଝିପାରିଥିଲେ । ପିତର ଯୋହନ, ଅନ୍ୟ ପ୍ରେରିତଗଣ ଏବଂ ଅନେକ ଅନେକ ଖ୍ରୀଷ୍ଟିୟାନମାନେ ଖ୍ରୀଷ୍ଟଙ୍କୁ ଆପଣା ଜୀବନରେ ମହିମାନ୍ୱିତ କରିଥିଲେ । ପାଉଲ ରୋମୀୟ ମଣ୍ଡଳୀକୁ ଲେଖନ୍ତି,"ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କୁ ତୁମ୍ଭେମାନେ ବସ୍ତ୍ର ରୂପେ

ପରିଧାନ କର, ଆଉ କୁଅଭିଳାଷ ଉଦ୍ରେକ କରିବା ସକାଶେ ଶରୀର ନିମନ୍ତେ ଆୟୋଜନ କରନାହିଁ ।'' (ରୋମୀୟ ୧୩:୧୪)

ଖ୍ରୀଷ୍ଟଙ୍କୁ ଧାରଣ କରିଥିବା ଲୋକେ ନୂତନ ସୃଷ୍ଟି ବୋଲି ଏଫିସୀ ୪:୨୪ରେ ପଢ଼ିପାରୁ । ଯାହା କହେ,''ଯେଉଁ ନୂତନ ସ୍ୱଭାବ ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ଧାର୍ମିକତା ଓ ସତ୍ୟର ପବିତ୍ରତାରେ ସୃଷ୍ଟ ହୋଇଅଛି, ତାହା ପରିଧାନ କରିବାକୁ ଶିକ୍ଷିତ ହୋଇଅଛି ।''ପରମେଶ୍ୱରଙ୍କ ଦତ୍ତ ସମସ୍ତ ସଜ୍ଜାରେ ପରିଧାନ କଲେ, ଶୟତାନର ସମସ୍ତ ଚାତୁରୀରୁ ସୁରକ୍ଷିତ ହୋଇ ରହିପାରିବା (ଏଫିସୀ ୬:୧୧-୧୭) ସମସ୍ତ ଦୁଷ୍ଟତା ପରିତ୍ୟାଗ କରି ନୂତନ ସ୍ୱଭାବ ପରିଧାନ କରିଥିବା ବ୍ୟକ୍ତି ଆପଣା ସୃଷ୍ଟିକର୍ତ୍ତାଙ୍କ ପ୍ରତିମୂର୍ତ୍ତି ଅନୁସାରେ ସମ୍ପୂର୍ଣ୍ଣ ଜ୍ଞାନ ପ୍ରାପ୍ତି ନିମନ୍ତେ ଦିନ ପ୍ରତିଦିନ ନୂତନୀକୃତ ହେଉଅଛି । (କଲସୀ ୩:୧୦) ଯେଉଁମାନେ ଖ୍ରୀଷ୍ଟଙ୍କ ଧାରଣ କରିଅଛନ୍ତି ସେମାନେ, କୋମଳ ହୃଦୟ, ଦୟା, ନମ୍ରତା, ମୃଦୁତା ଓ ଦୀର୍ଘ ସହିଷ୍ଣୁତା ପରିଧାନ କରିଅଛନ୍ତି ।'' (କଲସୀ ୩:୧୨) । ପ୍ରେରିତ ପାଉଲ କଲସୀ ମଣ୍ଡଳୀର ଖ୍ରୀଷ୍ଟୟାନମାନଙ୍କୁ କହନ୍ତି, ''ଏହି ସମସ୍ତ ଉପରେ ପ୍ରେମକୁ ପରିଧାନ କର, ଏହା ସିଦ୍ଧ ଅବସ୍ଥାରେ ବନ୍ଧନ ସ୍ୱରୂପ ।'' (କଲସୀ ୩:୧୪)

ପ୍ରେରିତ ପାଉଲ ଖ୍ରୀଷ୍ଟିୟାନ ସ୍ତ୍ରୀମାନଙ୍କୁ କହନ୍ତି,''.........ସ୍ତ୍ରୀମାନେ କେଶବିନ୍ୟାସ ଏବଂ ସୁବର୍ଣ୍ଣ କି ମୁକ୍ତା କି ମୂଲ୍ୟବାନ ବସ୍ତ୍ରରେ ଆପଣା ଆପଣକୁ ଭୂଷିତା ନକରି ଲଜ୍ଜା ଓ ବୁଦ୍ଧି ସହକାରେ ପରିପାଟୀ ପରିଚ୍ଛଦ ପିନ୍ଧି, ଧର୍ମପରାୟଣ । ସ୍ତ୍ରୀମାନଙ୍କ ଉପଯୋଗୀ ସତ୍‌କର୍ମରୂପ ଭୂଷଣରେ ଆପଣା ଆପଣାକୁ ଭୂଷିତା କରନ୍ତୁ ।'' (୧ମ ତୀମଥି ୨:୯,୧୦) ପ୍ରେରିତ ପାଉଲ ନମ୍ରତା ରୂପ ବସ୍ତ୍ର ଧାରଣ କରିବା ନିମନ୍ତେ ଖ୍ରୀଷ୍ଟିୟାନମାନଙ୍କୁ ଉତ୍ସାହିତ କରନ୍ତି। (୧ମ ପିତର ୫:୫)

ଖ୍ରୀଷ୍ଟଙ୍କୁ ଧାରଣ କରିଥିବା ଖ୍ରୀଷ୍ଟିୟାନମାନେ ଖ୍ରୀଷ୍ଟଙ୍କୁ ଧାରଣ କରିଅଛନ୍ତି । ଖ୍ରୀଷ୍ଟଙ୍କୁ ଧାରଣ କରିବା ଲୋକେ କୋମଳ ହୃଦୟ, ଦୟା, ନମ୍ରତା, ମୃଦୁତା, ଦୀର୍ଘ ସହିଷ୍ଣୁତା, ପ୍ରେମ ପରିଧାନ କରିଅଛନ୍ତି । ଏହିସବୁ ସଦ୍‌ଗୁଣ ଆମ୍ଭମାନଙ୍କ ଜୀବନରେ ପ୍ରସ୍ଫୁଟିତ ହେବା ଦ୍ୱାରା, ଆମ୍ଭମାନଙ୍କ ଜୀବନରେ ଖ୍ରୀଷ୍ଟ ମହିମାନ୍ୱିତ ହୁଅନ୍ତି ।

ଯୀଶୁଖ୍ରୀଷ୍ଟ, ସ୍ୱର୍ଗରାଜ୍ୟର ଏକ ଦୃଷ୍ଟାନ୍ତରେ ରାଜାର ପୁତ୍ରଙ୍କ ବିବାହ ବିଷୟରେ ମାଥିଉ ୨୨:୧-୧୪ ବର୍ଣ୍ଣନା କରିଅଛନ୍ତି । ବିବାହ ବସ୍ତ୍ର ନ ପିନ୍ଧି ବିବାହ ଭୋଜରେ ଉପସ୍ଥିତ ଏକ ବ୍ୟକ୍ତିଙ୍କୁ ରାଜା ହାତଗୋଡ଼ ବାନ୍ଧି ଅନ୍ଧକାରରେ ପକାଇ ଦେବାକୁ ତାହାଙ୍କ

ଦାସମାନଙ୍କୁ ଆଜ୍ଞା ଦେଇଥିଲେ । ଆମ୍ଭେମାନେ ଖ୍ରୀଷ୍ଟଙ୍କୁ ଧାରଣ ନ କରି, ସ୍ୱର୍ଗସ୍ଥ ପିତାଙ୍କ ପୁତ୍ରଙ୍କ ବିବାହ ଭୋଜରେ ଉପସ୍ଥିତ ହୋଇପାରିବା ନାହିଁ । ଲାଅଦିକିଆ ମଣ୍ଡଳୀର ଖ୍ରୀଷ୍ଟିୟାନମାନଙ୍କୁ ଯୀଶୁଖ୍ରୀଷ୍ଟ କହନ୍ତି, "ଏଣୁ ଆମ୍ଭେ ତୁମ୍ଭଙ୍କୁ ଏହି ପରାମର୍ଶ ଦେଉଅଛୁ, ତୁମ୍ଭେ ଧନୀ ହେବା ନିମନ୍ତେ ଅଗ୍ନିରେ ପରିଷ୍କୃତ ସୁବର୍ଣ୍ଣ, ଆଉ ତୁମ୍ଭ ଉଲଙ୍ଗତା ଲଜ୍ଜା ଯେପରି ପ୍ରକାଶିତ ନହୁଏ, ଏଥିପାଇଁ ପରିଧାନ କରିବା ପାଇଁ ଶୁକ୍ଳ ବସ୍ତ୍ର, ପୁଣି ଦୃଷ୍ଟି ପାଇବା ନିମନ୍ତେ ଚକ୍ଷୁରେ ଲେପନ କରିବା ପାଇଁ ଅଞ୍ଜନ ଆମ୍ଭ ନିକଟରୁ କିଣ" (ପ୍ରକାଶିତ ୩:୧୮)

"ଯେ ଜୟ କରେ, ସେ ଏହି ପ୍ରକାରେ ଶୁକ୍ଳ ବସ୍ତ୍ର ପରିହିତ ହେବ, ଆଉ ଆମ୍ଭେ ଜୀବନ ପୁସ୍ତକରୁ ତାହାର ନାମ କୌଣସି ପ୍ରକାରେ ଲୋପ ନକରି ଆମ୍ଭର ପିତା ଓ ତାହାଙ୍କ ଦୂତମାନଙ୍କ ସମ୍ମୁଖରେ ତାହାର ନାମ ସ୍ୱୀକାର କରିବୁ ।" (ପ୍ରକାଶିତ ୩:୫) । ଖ୍ରୀଷ୍ଟଙ୍କ ଧାରଣ କରି ଏହି ଜଗତରେ ଜୀବନଯାପନ କରିବା ଲୋକମାନଙ୍କ ନିମନ୍ତେ ଏହା ଖ୍ରୀଷ୍ଟଙ୍କ ପ୍ରତିଜ୍ଞା ଅଟେ ।

କ୍ଷୟର ଶରୀର,ଅକ୍ଷୟତା ଧାରଣ କରିବା ଦିନ ନିମନ୍ତେ ପ୍ରତ୍ୟେକ ଖ୍ରୀଷ୍ଟିୟାନ ଅପେକ୍ଷା କରୁଅଛନ୍ତି । ଆପଣ କି ଖ୍ରୀଷ୍ଟଙ୍କୁ ଧାରଣ କରିଅଛନ୍ତି ?

***Kabita Gootam***

❋❋❋

# ବାଇବଲର ଆଶ୍ଚର୍ଯ୍ୟ କର୍ମ

## (Bible Miracles)

ଆଶ୍ଚର୍ଯ୍ୟକର୍ମର ଅର୍ଥ କଅଣ ? ବାଇବଲର ପ୍ରଥମ ଅଧ୍ୟାୟରେ "ଆଦ୍ୟରେ ପରମେଶ୍ୱର ସ୍ୱର୍ଗ ଓ ପୃଥିବୀ ସୃଷ୍ଟି କଲେ ।" ବୋଲି ଲିଖିତ ହୋଇଅଛି । (ଆଦି ୧:୧) । ସୃଷ୍ଟିକର୍ତ୍ତା ସମସ୍ତ ବିଷୟ ସୃଷ୍ଟି କରି, ସୃଷ୍ଟିକୁ ଆୟତ୍ତରେ ରଖିବା ନିମନ୍ତେ କେତୋଟି ନିୟମ ସ୍ଥାପନ କରିଥିଲେ । ଯଥା:-

- ସଜୀବ ପ୍ରତ୍ୟେକ ପ୍ରାଣୀ ଓ ଶାକ ସ୍ୱ ସ୍ୱ ଜାତିଅନୁଯାୟୀ ପ୍ରାଣୀ ଓ ଫଳୋତ୍ପାଦନ କରିବ । (ଆଦି ୧:୧୧, ୧୨, ୨୧, ୨୪, ୨୫)
- ଦିବସରେ ମହାଜ୍ୟୋତି (ସୂର୍ଯ୍ୟ) କର୍ତ୍ତୃକ କରିବ ଓ ରାତ୍ରରେ ତାହାଠାରୁ ସାନ ଏକ ଜ୍ୟୋତି (ଚନ୍ଦ୍ର) କର୍ତ୍ତୃକ କରିବ ।

ଏପରି ଅନେକ ନିୟମ ସ୍ଥାପନ କରିଥିଲେ, ଯାହାଦ୍ୱାରା ଏହି ବିଶ୍ୱ ଶୃଙ୍ଖଳିତ ଭାବେ ପରିଚାଳିତ ହୋଇ ଆସୁଅଛି ।

ସଦାପ୍ରଭୁ ସୃଷ୍ଟି ସମୟରେ ସ୍ଥାପନ କରିଥିବା ନିୟମ ଦ୍ୱାରା ଏବେ ପର୍ଯ୍ୟନ୍ତ ଏହି ସୃଷ୍ଟି ପରିଚାଳିତ । ଏହିସବୁ ନିୟମଗୁଡ଼ିକ ''ପ୍ରାକୃତିକ ନିୟମ'' ରୂପେ ପରିଚିତ । ପ୍ରତ୍ୟେକ ସଜୀବ ପ୍ରାଣୀ ସ୍ୱସ୍ୱ ଜାତିନୁଯାୟୀ ପ୍ରାଣୀ ଉତ୍ପନ୍ନ କରୁଅଛନ୍ତି । ସୂର୍ଯ୍ୟ ଦିବସ ଓ ଚନ୍ଦ୍ର ରାତ୍ରିର କର୍ତ୍ତୃକ କରେ । କୃତି ସୃଷ୍ଟି ପ୍ରାରମ୍ଭରୁ ଏକ ରୀତିରେ କାର୍ଯ୍ୟ କରୁଅଛି । ପ୍ରାକୃତିକ ନିୟମ ଗୁଡ଼ିକର କିଛି ପରିବର୍ତ୍ତନ ନାହିଁ ।

ବିଭିନ୍ନ ସମୟରେ ବିଭିନ୍ନ କାରଣ ଯୋଗୁଁ ସଦାପ୍ରଭୁ ପ୍ରାକୃତିକ ନିୟମ ବିରୁଦ୍ଧରେ କେତୋଟି କାର୍ଯ୍ୟ ସମ୍ପନ୍ନ କରିଥିଲେ । ''ତାହା ଏକ ଆଶ୍ଚର୍ଯ୍ୟ କର୍ମ'' ବୋଲି ଆମେ କହୁ ! ''ପ୍ରାକୃତିକ ନିୟମ'' ବିରୁଦ୍ଧରେ ଯେଉଁ କାର୍ଯ୍ୟ ସାଧିତ ହୁଏ ତାହା ଆଶ୍ଚର୍ଯ୍ୟ କର୍ମ । ତୁଫାନ, ଭୂମିକମ୍ପ, ସୂର୍ଯ୍ୟଗ୍ରହଣ ପ୍ରଭୃତି ଘଟଣା ସବୁବେଳେ ନହେଲେ ସୁଦ୍ଧା, ତାହା ଆଶ୍ଚର୍ଯ୍ୟ ଘଟଣା ନୁହେଁ ।

ପୁରାତନ ନିୟମର ସମୟରେ ଅନେକ ଆଶ୍ଚର୍ଯ୍ୟ କର୍ମ ବାଇବଲରେ ଲିଖିତ ହୋଇଅଛି । ମୋଶାଙ୍କ ହସ୍ତର ଯୋଷ୍ଟୀ ସର୍ପ ହେବା ଓ ସର୍ପ ପୁନଃର୍ବାର ଯୋଷ୍ଟୀ ହେବା ଯାତ୍ରା ୪:୨-୪ ପଦରେ ପଢ଼ିଥାଉଁ । ସୂଫ ସମୁଦ୍ର ଦୁଇଭାଗରେ ବିଭକ୍ତ ହେବାରୁ ଶୁଷ୍କ ଭୂମିରେ ଇଶ୍ରାଏଲୀୟ ସନ୍ତାନମାନେ ଯାତ୍ରା କରିଥିଲେ । (ଯାତ୍ରା ୧୪:୨୧) । ଲୁହାର କୁରାଢ଼ି ଜଳରେ ଭାସିଥିଲା (୨ୟ ରାଜାବଳୀ ୬:୫-୬) ଯର୍ଦ୍ଦନ ନଦୀରେ ସାତଥର ଆପଣାକୁ ବୁଡ଼ନ କରି, ସିରିଆ ଦେଶ ସେନାଧିପତି ନମନ୍ କୁଷ୍ଠରୋଗରୁ ସୁସ୍ଥ ହୋଇଥିଲେ । (୨ୟ ରାଜାବଳୀ ୫ ପର୍ବ) ଇଶ୍ରାଏଲ୍ ଦେଶରେ ଦୁର୍ଭିକ୍ଷ ସମୟରେ ଏକ ବିଧବା ଗୃହରେ ମଇଦା କଳସ ଶୂନ୍ୟ ହେଲା ନାହିଁ, କିଅବା ତୈଳର ଅଭାବ ହେଲା ନାହିଁ । (୧ମ ରାଜାବଳୀ ୧୭:୯-୧୬) ପ୍ରାକୃତିକ ନିୟମର ବିପରୀତ ଭାବେ ଏହିସବୁ ଘଟଣା ଘଟିଥିବାରୁ, ସେଗୁଡ଼ିକ ''ଆଶ୍ଚର୍ଯ୍ୟ ଘଟଣା'' ।

ଯୀଶୁ ଏହି ଜଗତରେ ଜୀବନଯାପନ କରିବା ସମୟରେ ଅନେକ ଆଶ୍ଚର୍ଯ୍ୟ କର୍ମ କରିଥିଲେ । ଗାଲୀଲୀ ସମୁଦ୍ରର ତୁଫାନକୁ ଶାନ୍ତ କରିଥିଲେ । (ମାଥିଉ ୮:୨୩-୨୭) ପାଞ୍ଚରୋଟୀ ଓ ଦୁଇ ମାଛର ଖଣ୍ଡ ଦ୍ୱାରା ପାଞ୍ଚ ହଜାର ପୁରୁଷ ଓ ଅନେକ ସ୍ତ୍ରୀମାନଙ୍କୁ ଖାଦ୍ୟ ପରିବେଷଣ କରିଥିଲେ । (ଯୋହନ ୬:୧-୧୩) । ଜନ୍ମାନ୍ଧକୁ

ଦୃଷ୍ଟିଶକ୍ତି ଦେଇଥିଲେ । (ଯୋହନ ୯) ଅନେକ ରୋଗୀମାନଙ୍କୁ ସୁସ୍ଥ କରିଥିଲେ । (ମାଥିଉ ୮:୧୬) ଯାଇରସଙ୍କ କନ୍ୟା (ମାର୍କ ୯:୧୮-୨୬), ନାଇନ ବିଧବାର ପୁତ୍ର (ଲୁକ ୭:୧୧-୧୫), ଲାଜରଙ୍କୁ (ଯୋହନ ୨) ମୃତ୍ୟୁରୁ ପୁନଃଜୀବିତ କରିଥିଲେ । ଏହିସବୁ ପ୍ରାକୃତିକ ନିୟମକୁ ବଦଳାଇ, ଆଶ୍ଚର୍ଯ୍ୟକର୍ମ କରିବାକୁ ସକ୍ଷମ ଅଟନ୍ତି ।

ପ୍ରାକୃତିକ ନିୟମ ବଦଳାଇ, କାହିଁକି ପରମେଶ୍ୱର ଆଶ୍ଚର୍ଯ୍ୟକର୍ମ କରାଇଥିଲେ । ଯୀଶୁଖ୍ରୀଷ୍ଟ କାହିଁକି ଆଶ୍ଚର୍ଯ୍ୟକର୍ମ କରିଥିଲେ ? ଆଶ୍ଚର୍ଯ୍ୟକର୍ମ ବିଷୟରେ ବାଇବଲ କଅଣ କହେ ? ଆଶ୍ଚର୍ଯ୍ୟକର୍ମର ଉଦ୍ଦେଶ୍ୟ ବିଷୟରେ ବାଇବଲ କଅଣ କହେ ?

**ଆଶ୍ଚର୍ଯ୍ୟକର୍ମର ଉଦ୍ଦେଶ୍ୟ :** ନୂତନ ନିୟମରେ ବର୍ଣ୍ଣିତ ଆଶ୍ଚର୍ଯ୍ୟକର୍ମ ଦ୍ୱାରା ଲୋକେ ଶାରୀରିକ ଭାବେ ଲାଭପ୍ରାପ୍ତ ହୋଇଥିଲେ । ଅନ୍ଧ ଦୃଷ୍ଟି ପାଇଥିଲା, ମରିୟମ ଓ ମାର୍ଥା ଆପଣା ମୃତ ଭାଇକୁ ପୁନଃଜୀବିତ ପାଇଥିଲେ । ଅନେକ ଆରୋଗ୍ୟ ପ୍ରାପ୍ତ ହେଲେ । ଶିଷ୍ୟମାନେ ତୁଫାନ୍‌ର ଭୟରୁ ମୁକ୍ତ ହେଲେ । କେବଳ ଏହା କି ଆଶ୍ଚର୍ଯ୍ୟକର୍ମର ଉଦ୍ଦେଶ୍ୟ ?

ଯୋହନ ୨୦:୩୦-୩୧ରେ କୁହାଯାଏ, "ଯୀଶୁ ଶିଷ୍ୟମାନଙ୍କ ସାକ୍ଷାତରେ ଏହିପରି ଅନେକ ଓ ବିଭିନ୍ନ ଆଶ୍ଚର୍ଯ୍ୟକର୍ମ ସାଧନ କଲେ, ସେହିସବୁ ଏହି ପୁସ୍ତକରେ ଲେଖାହୋଇନାହିଁ, କିନ୍ତୁ ତୁମ୍ଭେମାନେ ଯେପରି ବିଶ୍ୱାସ କର ଯେ, ଯୀଶୁ ଈଶ୍ୱରଙ୍କ ପୁତ୍ର ଅଟନ୍ତି, ପୁଣି ବିଶ୍ୱାସ କର ଯେପରି ତୁମ୍ଭେମାନେ ତାହାଙ୍କ ନାମରେ ଜୀବନପ୍ରାପ୍ତ ହୁଅ, ଏଥି ନିମନ୍ତେ ଏ ସମସ୍ତ ଲେଖାଯାଇଅଛି ।" ଯିହୂଦୀମାନଙ୍କ ଜଣେ ନେତା ଯୀଶୁଙ୍କୁ କହିଲେ,"ହେ ଗୁରୁ, ଆପଣ ଯେ ଈଶ୍ୱରଙ୍କ ଠାରୁ ଆଗତ ଗୁରୁ, ଏହା ଆମ୍ଭେମାନେ ଜାଣୁ, କାରଣ ଆପଣ ଏହି ଯେଉଁ ସମସ୍ତ ଆଶ୍ଚର୍ଯ୍ୟକର୍ମ କରୁଅଛନ୍ତି, ଈଶ୍ୱର ସାଙ୍ଗରେ ନଥିଲେ ସେହିସବୁକେହି କରିପାରେ ନାହିଁ ।" (ଯୋହନ ୩,୨)

ଲାଜର ପୀଡ଼ିତ ଅଛନ୍ତି ବୋଲି ଜାଣି ଯୀଶୁ ଯେଉଁ ସ୍ଥାନରେ ଥିଲେ, ସେଠାରେ ଆହୁରି ଦୁଇଦିନ ବିଳମ୍ବ କଲେ, (ଯୋହନ ୧୧:୬) । ଲାଜର ମୃତ୍ୟୁ ଭୋଗିଲେ ଜାଣି ସେ କହିଲେ,"........ମୁଁ ଯେ ସେ ସ୍ଥାନରେ ନଥିଲି, ଏଥି ସକାଶେ ତୁମ୍ଭମାନଙ୍କ ନିମନ୍ତେ ଆନନ୍ଦ କରୁଅଛି, ଯେପରି ତୁମ୍ଭେମାନେ ବିଶ୍ୱାସ କରିବ......." (ଯୋହନ ୧୧:୧୫) ତପ୍ତରେ ସେମାନେ ଲାଜରଙ୍କ ସମାଧି ନିକଟକୁ ଯାଇ ତାହାଙ୍କୁ ସଜୀବ କରିଥିଲେ । ଲେଖାଯାଏ,"........ଯିହୂଦୀମାନଙ୍କ ମଧ୍ୟରୁ ଅନେକେ, ଅର୍ଥାତ୍

ଯେଉଁମାନେ ମରିୟମଙ୍କ ନିକଟକୁ ଆସିଥିଲେ ଓ ଯୀଶୁଙ୍କ କର୍ମ ଦେଖିଥିଲେ, ସେମାନେ ତାହାଙ୍କ ଠାରେ ବିଶ୍ୱାସ କଲେ,.......'' (ଯୋହନ ୧୧:୪୫)

ପ୍ରେରିତ ପିତର ପେଣ୍ଟିକଷ୍ଟ ଦିନରେ ଉପସ୍ଥିତ ଜନତାକୁ କହିଥିଲେ, ''.....ହେ ଇସ୍ରାଏଲୀୟ ଲୋକମାନେ, ଏହି ସମସ୍ତ କଥା ଶୁଣନ୍ତୁ, ନାଜରିତୀୟ ଯୀଶୁ ନାନା ଶକ୍ତିର କାର୍ଯ୍ୟ, ଅଦ୍ଭୁତ କର୍ମ ଓ ଲକ୍ଷଣ ଦ୍ୱାରା ଆପଣମାନଙ୍କ ନିକଟରେ ଈଶ୍ୱରଙ୍କ ବ୍ୟକ୍ତି ବୋଲି ପ୍ରମାଣିତ ହୋଇଅଛନ୍ତି, ତାହାଙ୍କ ଦ୍ୱାରା ଈଶ୍ୱର ଯେ ଆପଣମାନଙ୍କ ମଧ୍ୟରେ ଏହି ସମସ୍ତ କର୍ମ କରିଅଛନ୍ତି, ଏହା ଆପଣମାନେ ନିଜେ ନିଜେ ଜାଣନ୍ତି....'' (ପ୍ରେରିତ ୨:୨୨) ଉପରୋକ୍ତ ବଚନଗୁଡ଼ିକ ଯୀଶୁ ଯେ ଈଶ୍ୱରଙ୍କ ପୁତ୍ର ଖ୍ରୀଷ୍ଟ ଅଟନ୍ତି, ଏହା ପ୍ରମାଣିତ କରେ, ଆଶ୍ଚର୍ଯ୍ୟକର୍ମଗୁଡ଼ିକର ଉଦ୍ଦେଶ୍ୟ ସଫଳ ହେଲା ତାହାଦ୍ୱାରା ମନୁଷ୍ୟମାନଙ୍କ ହୃଦୟରେ ବିଶ୍ୱାସ ଜାତ ହୋଇଥିଲା । ଯୀଶୁଖ୍ରୀଷ୍ଟଙ୍କ ଶିଷ୍ୟମାନେ ଆଶ୍ଚର୍ଯ୍ୟକର୍ମ କରିବାକୁ ସକ୍ଷମ ଥିଲେ । (ପ୍ରେରିତ ୩:୧-୧୧, ୯:୩୬-୪୨, ୧୪:୮-୧୦) ସେମାନଙ୍କ କୃତ ଆଶ୍ଚର୍ଯ୍ୟକର୍ମ ଗୁଡ଼ିକ, ଶିଷ୍ୟମାନେ ପରମେଶ୍ୱରଙ୍କ ଦ୍ୱାରା ଅଭିଷିକ୍ତ ଓ ସେମାନଙ୍କ ପ୍ରଚାରିତ ବାଣୀ ସତ୍ୟ ବୋଲି ପ୍ରମାଣିତ କରିଥିଲା ।

ମାର୍କ ୧୬:୧୫-୧୮ ପଦରେ ଯୀଶୁଖ୍ରୀଷ୍ଟ, ସମସ୍ତ ସୃଷ୍ଟିରେ ସୁସମାଚାର ପ୍ରଚାର କରିବା ନିମନ୍ତେ ଆଜ୍ଞା ଦେଇଅଛନ୍ତି । ଆଶ୍ଚର୍ଯ୍ୟକର୍ମ ଦ୍ୱାରା ସେମାନଙ୍କ ବାକ୍ୟ ପ୍ରମାଣସିଦ୍ଧ ହୋଇଥିଲା । ସେହି ଚିହ୍ନଗୁଡ଼ିକ ହେଲା, ଯୀଶୁଙ୍କ ନାମରେ ଭୂତ ଛଡ଼ାଇବା ନୂତନ ନୂତନ ଭାଷାରେ କଥା କହିବା, ହାତରେ ସର୍ପ ଧରିବା, ପ୍ରାଣନାଶକ କୌଣସି ପଦାର୍ଥ ପାନ କଲେ ସେମାନଙ୍କ କ୍ଷତି ନହେବା ପ୍ରଭୃତି । ୨୦ତମ ପଦରେ ଲେଖାଯାଏ,''କିନ୍ତୁ ସେମାନେ ପ୍ରସ୍ଥାନ କରି ସର୍ବତ୍ର ଅନୁବର୍ତ୍ତୀ ଚିହ୍ନଗୁଡ଼ିକ ଦ୍ୱାରା ସେହି ବାକ୍ୟ ପ୍ରମାଣସିଦ୍ଧ କଲେ,''ତେବେ ଏପରି ମହାପରିତ୍ରାଣ ଅବହେଳା କଲେ, ଆମ୍ଭେମାନେ କିପରି ରକ୍ଷା ପାଇବା ? ତାହା ତ ପ୍ରଥମରେ ପ୍ରଭୁଙ୍କ ଦ୍ୱାରା କଥିତ ହୋଇ ଶ୍ରବଣ କରିଥିବା ବ୍ୟକ୍ତିମାନଙ୍କ ଦ୍ୱାରା ଆମ୍ଭମାନଙ୍କ ନିକଟରେ ପ୍ରମାଣସିଦ୍ଧ ହେଲା । ସେ ସମ୍ବନ୍ଧରେ ଈଶ୍ୱର ମଧ୍ୟ ନିଜ ଇଚ୍ଛାନୁସାରେ ନାନା ଚିହ୍ନ ଓ ଅଦ୍ଭୁତ କର୍ମ ପୁଣି ବିବିଧ ଶକ୍ତିର କାର୍ଯ୍ୟ ଓ ପବିତ୍ର ଆତ୍ମାଙ୍କ ଅନ୍ୟାନ୍ୟ ଦାନ ଦ୍ୱାରା ସାକ୍ଷ୍ୟ ଦେଇ ଅଛନ୍ତି ।'' (ଏବ୍ରୀ ୨:୩-୪)

ଆଧୁନିକ ଯୁଗରେ ଅନେକେ ଆଶ୍ଚର୍ଯ୍ୟକର୍ମ କରୁଅଛନ୍ତି ବୋଲି ଦାବୀ କରନ୍ତି । ସେଗୁଡ଼ିକ ବିଶ୍ୱାସ କରିବା ପୂର୍ବରୁ, କେତୋଟି ପ୍ରଶ୍ନ ଆପଣ ପଚାରନ୍ତୁ :-

- ମୁଁ କି କୌଣସି ଘଟଣା ଦେଖିଲି, ଯାହା ମୋତେ ଆଶ୍ଚର୍ଯ୍ୟ ଲାଗିଲା ?
- ଜଣେ ମନୁଷ୍ୟ ତୁଫାନ ସହିତ କଥା କହି ତାହାକୁ ଶାନ୍ତ କରିବା କି ମୁଁ ଦେଖିଅଛି ?
- ଚାଳିଶ ବର୍ଷରୁ ଜନ୍ମାନ୍ଧ ମନୁଷ୍ୟ, ଦୃଷ୍ଟିଶକ୍ତି ପାଇଥିବା ବ୍ୟକ୍ତିଙ୍କୁ ମୁଁ ଦେଖିଅଛି ?
- ଚାରିଦିନରୁ ମୃତ ବ୍ୟକ୍ତି ଜୀବିତ ହେବା କି ମୁଁ ଜାଣିଅଛି ?

ଯୀଶୁ ଓ ତାହାଙ୍କ ଶିଷ୍ୟଗଣ ବହୁ ଜନ ସମାଜ ସମ୍ମୁଖରେ ଅଦ୍ଭୁତକର୍ମ ସାଧନ କରିଥିଲେ । ମନୁଷ୍ୟମାନେ ସେଗୁଡ଼ିକ ପ୍ରକୃତରେ ଆଶ୍ଚର୍ଯ୍ୟକର୍ମ ବୋଲି ଜ୍ଞାତ ହୋଇଥିଲେ । ଆଜିର କୃତ ଆଶ୍ଚର୍ଯ୍ୟକର୍ମଗୁଡ଼ିକ କି ଏହିପରି ସାକ୍ଷ୍ୟ ଦିଏ ?

ମନୁଷ୍ୟମାନେ ଯେପରି ଯୀଶୁଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ରରୂପେ ବିଶ୍ୱାସ କରିବେ, ଏଥି ନିମନ୍ତେ ବାଇବଲରେ ତାହାଙ୍କ କୃତ ଆଶ୍ଚର୍ଯ୍ୟକର୍ମଗୁଡ଼ିକ ଲିଖିତ ହୋଇଅଛି । ପ୍ରେରିତମାନଙ୍କ ଦ୍ୱାରା ପ୍ରଚାରିତ ବାକ୍ୟଗୁଡ଼ିକ, ଆଶ୍ଚର୍ଯ୍ୟକର୍ମ ଦ୍ୱାରା ସତ୍ୟ ବୋଲି ପ୍ରମାଣିତ ହୋଇଥିଲା । ଯୀଶୁଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ର ରୂପେ ପ୍ରକାଶିତ କରି, ତାହାଙ୍କ ଇଚ୍ଛା ଏହି ଜଗତରେ ପ୍ରକଟିତ କରିବା, ଆଶ୍ଚର୍ଯ୍ୟକର୍ମର ମୁଖ୍ୟ ଉଦ୍ଦେଶ୍ୟ ଥିଲା, ଏହାର ଉଦ୍ଦେଶ୍ୟ ସଫଳ ହେବା ପରେ, ଏହାର ଆବଶ୍ୟକତା ନୋହିଲା । ସିଦ୍ଧ ବିଷୟ ଉପସ୍ଥିତ ହେଲେ ଆଂଶିକ ବିଷୟର ଲୋପ'' ହେବ ବୋଲି ପ୍ରେରିତ ପାଉଲ ଆଶ୍ଚର୍ଯ୍ୟକର୍ମ ବିଷୟରେ ୧ମ କରିନ୍ଥୀ ୧୩:୧୦ ପଦରେ କହିଅଛି । ଯାକୁବଙ୍କ ଅନୁଯାୟୀ ''ସ୍ୱାଧୀନତାର ବ୍ୟବସ୍ଥା'' ହିଁ ସିଦ୍ଧ ବିଷୟ । ''ଯେ ସିଦ୍ଧ, ଅର୍ଥାତ୍ ସ୍ୱାଧୀନତାର ବ୍ୟବସ୍ଥା ପ୍ରତି ନିରୀକ୍ଷଣ କରି ସେଥିରେ ନିବିଷ୍ଟ ଥାଏ, ପୁଣି ବିସ୍ମରଣକାରୀ ଶ୍ରୋତା ମାତ୍ର ନହୋଇ ବରଂ କାର୍ଯ୍ୟକାରୀ ହୁଏ, ସେ ଆପଣା କାର୍ଯ୍ୟରେ ଧନ୍ୟ ।'' (ଯୋହନ ୧:୨୫)

''ସିଦ୍ଧ'' ଅର୍ଥାତ୍ ''ସ୍ୱାଧୀନତାର ବ୍ୟବସ୍ଥା'' ବର୍ତ୍ତମାନ ପ୍ରଚଳନରେ ଅଛି । ଏହା ଖ୍ରୀଷ୍ଟଙ୍କ ସମ୍ପୂର୍ଣ୍ଣ ବ୍ୟବସ୍ଥା ଯାହା ଆମ୍ଭେମାନେ ''ନୂତନ ନିୟମ'' ରୂପେ ଜାଣୁ । (ଯୋହନ ୧୬:୧୨-୧୩, ୨ ପିତର ୧:୩) । ଏହି ନୂତନ ନିୟମ, ''....ସାଧୁମାନଙ୍କ ନିକଟରେ ଏକାଥରକେ ସମର୍ପିତ ବିଶ୍ୱାସ.......'' (ଯିହୂଦା ୩) । ଏହି ସିଦ୍ଧ, ସ୍ୱାଧୀନତାର ବ୍ୟବସ୍ଥା ଅନୁସନ୍ଧାନ କରି, ପରମେଶ୍ୱରଙ୍କ ଇଚ୍ଛାର ଅନୁସରଣକାରୀମାନେ ଅନନ୍ତଜୀବନ ଅଧିକାର କରିବେ ।

***A.A. Meeks***

❋❋❋

# ପରମେଶ୍ୱରଙ୍କ ପ୍ରେମ ଓ କଠୋରତା
## (The Love and the Wrath of God)

"ଅତଏବ, ଈଶ୍ୱରଙ୍କ ଦୟା ଓ କଠୋରତା ବୁଝ, ଯେଉଁମାନେ ପତିତ ହେଲେ, ସେମାନଙ୍କ ପ୍ରତି କଠୋରତା, କିନ୍ତୁ ତୁମ୍ଭେ ଯଦି ଈଶ୍ୱରଙ୍କ ଦୟାର ଶରଣାପନ୍ନ ହୋଇ ରହିଥାଅ, ତାହାହେଲେ ତୁମ୍ଭ ପ୍ରତି ତାହାଙ୍କ ଦୟା ନୋହିଲେ ତୁମ୍ଭେ ମଧ୍ୟ କଟାଯିବ।" (ରୋମୀୟ ୧୧:୨୨) ପ୍ରେରିତ ପାଉଲ ଅବିଶ୍ୱାସୀ ଯିହୂଦୀମାନେ ପରମେଶ୍ୱରଙ୍କ ଠାରେ ବିଚ୍ଛିନ୍ନ ହୋଇଅଛନ୍ତି ଓ ଖ୍ରୀଷ୍ଟ ବିଶ୍ୱାସୀ ବିଜାତୀୟମାନେ ପରମେଶ୍ୱରଙ୍କ ସହିତ ଜଡ଼ିତ ହୋଇଅଛନ୍ତି ବୋଲି କହିଅଛନ୍ତି। ଏତଦ୍ଵାରା ପରମେଶ୍ୱରଙ୍କ ଦୟା ଓ କଠୋରତା ପ୍ରକାଶିତ ହୋଇଅଛି। ଖ୍ରୀଷ୍ଟଙ୍କ କ୍ରୁଶରେ ପରମେଶ୍ୱରଙ୍କ ଦୟା, ପ୍ରେମ ଓ କଠୋରତା ପ୍ରକଟିତ ହୋଇଅଛି। ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଏହି ଜଗତରେ ପ୍ରେରଣ କରିଥିବା ପରମେଶ୍ୱରଙ୍କ ଅପାର ପ୍ରେମ ମନୁଷ୍ୟ ଭାଷାରେ ବର୍ଣ୍ଣନା କରିନପାରୁ। ମାତୃପ୍ରେମ ସୁଦ୍ଧା, ପରମେଶ୍ୱରଙ୍କ ପ୍ରେମ ସହିତ ତୁଳନା କରାଯାଇନପାରେ, "ସ୍ତ୍ରୀ ଲୋକ ଆପଣା ଗର୍ଭଜାତ ପୁତ୍ରକୁ ସ୍ନେହ ନକରି କି ଆପଣା ସ୍ତନ୍ୟପାୟୀ ଶିଶୁକୁ ପାସୋରି ପାରିବ ? ହଁ, ଏମାନେ ପାସୋରି ପାରନ୍ତି, ତଥାପି ଆମ୍ଭେ ତୁମ୍ଭକୁ ପାସୋରିବା ନାହିଁ।" (ଯିଶାଇୟ ୪୯:୧୫) "ଆମ୍ଭେମାନେ ଯେ ଈଶ୍ୱରଙ୍କୁ ପ୍ରେମ କରୁ, ତାହା ନୁହେଁ, ମାତ୍ର ସେ ଆମ୍ଭମାନଙ୍କୁ ପ୍ରେମ କଲେ, ପୁଣି ଆପଣା ପୁତ୍ରଙ୍କୁ ଆମ୍ଭମାନଙ୍କ ପାପର ପ୍ରାୟଶ୍ଚିତ ସ୍ୱରୂପ କରି ପଠାଇଲେ, ଏଥିରେ ତ ପ୍ରେମ ପ୍ରକାଶ ପାଏ।" (୧ଯୋହନ ୪:୧୦, ୧୯)। "କିନ୍ତୁ ଆମ୍ଭେମାନେ ପାପୀ ଥିବା ସମୟରେ ସେଥିରେ ଈଶ୍ୱର ଆମ୍ଭମାନଙ୍କ ପ୍ରତି ଆପଣା ପ୍ରେମ ସପ୍ରମାଣ କରୁଅଛନ୍ତି।" (ରୋମୀୟ ୫:୮)

ଖ୍ରୀଷ୍ଟଙ୍କ ପ୍ରେମର ଦୈର୍ଘ୍ୟ ଓ ପ୍ରସ୍ଥ, ଉଚ୍ଚତା ଓ ଗଭୀରତା ବିଷୟରେ ଆମ୍ଭେମାନେ କିପରି ଜାଣିପାରିବା ? ତାହା ମନୁଷ୍ୟର ଜ୍ଞାନର ଅଗମ୍ୟ। ପରମେଶ୍ୱର ଓ ତାହାଙ୍କ ପୁତ୍ର ଏହି ଜଗତକୁ କେତେ ପ୍ରେମ କରନ୍ତି ? ମୋତେ କେତେ ପ୍ରେମ କରନ୍ତି ? ଯୀଶୁ ଆପଣା ହସ୍ତ ବିସ୍ତାର କରି କହିଲେ, "ଏତେ ପ୍ରେମ କରୁଅଛି" ଏବଂ ଆପଣା ପ୍ରାଣ ଆମ୍ଭମାନଙ୍କ ନିମନ୍ତେ ତ୍ୟାଗ କଲେ। ସର୍ବଶକ୍ତି ପିତା ପରମେଶ୍ୱରଙ୍କ ଆପଣା ପୁତ୍ର ଖ୍ରୀଷ୍ଟଙ୍କ ପ୍ରତି ପ୍ରେମ ଅପାର। (ଯୋହନ ୧୭:୨୩,୨୬) ତାହାଙ୍କ ପୁତ୍ରଙ୍କ ରକ୍ତପାତ ନିମନ୍ତେ ଯିହୂଦୀମାନଙ୍କ ଚିତ୍କାର ସେ ଶୁଣିଥିଲେ। ସୈନ୍ୟମାନେ ତାହାଙ୍କୁ କ୍ରୁଶରେ ଚଢ଼ାଇ, ହାତ ପାଦରେ ମେଖରେ ମାରିବା ସେ ଦେଖିଥିଲେ। ସେ

ସ୍ୱର୍ଗରୁ ଦଶ ସହସ୍ର ଦୂତ ପଠାଇ ଆପଣା ପୁତ୍ରଙ୍କୁ ସୈନ୍ୟମାନଙ୍କ କବଳରୁ ମୁକ୍ତ କରିପାରିଥାନ୍ତେ । ଆକାଶରୁ ବିଜୁଳି, କିମ୍ବା ଭୂକମ୍ପ ଦ୍ୱାରା ଘଟଣାକୁ ରଦ୍ଦ କରିପାରିଥାନ୍ତେ । "ମୃତ୍ୟୁର ତିକ୍ତତା ଚାଖିବା" ନିମନ୍ତେ ସେ ଆପଣା ପୁତ୍ରଙ୍କୁ ଏହି ଜଗତକୁ ନ ପଠାଇ ସ୍ୱର୍ଗରେ ଆପଣା ନିକଟରେ ରଖିପାରିଥାନ୍ତେ । ଏତେ ପ୍ରେମମୟ ପିତା କାହିଁକି ଆପଣା ପୁତ୍ରକୁ ଦୁଃଖଭୋଗ କରିବା ନିମନ୍ତେ ଏହି ଜଗତକୁ ପ୍ରେରଣ କଲେ ?

ଏହା କେବଳ ମନୁଷ୍ୟ ପ୍ରତି ପରମେଶ୍ୱରଙ୍କ ପ୍ରେମ ଓ ପାପ ପ୍ରତି ଘୃଣା । ମନୁଷ୍ୟର ଏତେ ବଡ଼ ମୂଲ୍ୟ ଦାବୀ ନକଲେ, ପରମେଶ୍ୱରଙ୍କ ପୁତ୍ରଙ୍କ ପ୍ରାଣର ବଳିଦାନ ଆବଶ୍ୟକ ନଥିଲା । ଖ୍ରୀଷ୍ଟଙ୍କ ମରଣ ଦୁଇଟି ବିଷୟ ପ୍ରକାଶ କରେ(୧) ପରମେଶ୍ୱର ମନୁଷ୍ୟକୁ ପ୍ରେମ କରନ୍ତି (୨) ପାପକୁ ଘୃଣା କରନ୍ତି । କ୍ଷମାପ୍ରାପ୍ତ ହୋଇନଥିବା ପାପୀମାନେ କଠୋର ଭାବେ ଶାସ୍ତି ପାଇବେ । ଖ୍ରୀଷ୍ଟଙ୍କ ଦ୍ୱାରା ଯେଉଁମାନେ ପରମେଶ୍ୱରଙ୍କ ନିକଟବର୍ତ୍ତୀ ହୁଅନ୍ତି ସେମାନେ ପ୍ରତ୍ୟେକେ ପାପକ୍ଷମା ଓ ଅନନ୍ତଜୀବନ ପ୍ରାପ୍ତ ହେବେ । ଏହା ଯଦି ଆପଣ ବିଶ୍ୱାସ କରୁନାହାନ୍ତି, କ୍ରୁଶକୁ ଅନାନ୍ତୁ !

**Cecil May, Jr.**

❋❋❋

# ୧ମ ପିତର ଓ ପରମେଶ୍ୱରଙ୍କ ଅନୁଗ୍ରହ
## (I Peter and The Grace of God)

ପରମେଶ୍ୱରଙ୍କ ସେବା ପରିଚର୍ଯ୍ୟାରେ ପିତରଙ୍କ ଜୀବନ ଏକ ଆଦର୍ଶମୟ ଓ ଉତ୍ସାହଜନକ ଜୀବନ । ପିତର ବେଳେବେଳେ ଝୁଣ୍ଟି ପଡ଼ିଥିବା ସତ୍ତ୍ୱେ (ମାଥିଉ ୨୬:୩୩-୩୫) ସେ ଯୀଶୁଖ୍ରୀଷ୍ଟ ସୁସମାଚାର କାର୍ଯ୍ୟ ଆରମ୍ଭ କରିବା ସମୟ ଠାରୁ ଶେଷ ପର୍ଯ୍ୟନ୍ତ ସାହସ ଓ ଦୃଢ଼ ସଂକଳ୍ପ ସହ ତାହାଙ୍କ ସେବା କରିଥିଲେ । ସେ ପେଣ୍ଟିକଷ୍ଟ ଦିନରେ ଉଚ୍ଚସ୍ୱରରେ ଖ୍ରୀଷ୍ଟଙ୍କ ସୁସମାଚାର ଯିହୂଦୀମାନଙ୍କୁ ଶୁଣାଇଥିଲେ । (ପ୍ରେରିତ ୨:୧୪,୩୭) ତାହାଙ୍କ ପ୍ରଚାର ପ୍ରତିଫଳେ କର୍ଣ୍ଣଲୀୟ ଗୃହରେ ପ୍ରଥମଥର ବିଜାତୀୟମାନେ ଖ୍ରୀଷ୍ଟଙ୍କ ସୁସମାଚାର ଶ୍ରବଣ କରି ଖ୍ରୀଷ୍ଟଙ୍କ ସହିତ ଜଡ଼ିତ ହୋଇଥିଲେ ।

ପ୍ରତ୍ୟେକ ଯୁଗର ଖ୍ରୀଷ୍ଟିୟାନମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ପିତର ପ୍ରଥମପତ୍ର ଲେଖିଥିଲେ । (୧ମ ପିତର ୫:୧୨) ପରମେଶ୍ୱରଙ୍କ ଅସୀମ ଓ ଅନନ୍ତ ଅନୁଗ୍ରହ ଯାହାକି ଆମ୍ଭମାନଙ୍କ ଆତ୍ମିୟ ଜୀବନକୁ ବୃଦ୍ଧି କରେ ସେ ପତ୍ରିକା ଦ୍ୱାରା ଆମ୍ଭମାନଙ୍କୁ ଜ୍ଞାତ କରନ୍ତି । କ୍ଷଣିକ ଦୁଃଖଭୋଗ ଉତ୍ତାରେ ସଦାପ୍ରଭୁ ଆପଣା ଅନୁଗ୍ରହ

ଦ୍ୱାରା ଆମ୍ଭମାନଙ୍କୁ ସିଦ୍ଧ, ସୁସ୍ଥିର, ସବଳ ରୂପେ ସଂସ୍ଥାପିତ କରିବେ । (୫:୧୦) ପରମେଶ୍ୱରଙ୍କ ଅନୁଗ୍ରହ ବିଷୟରେ ପିତର ଏହି ପଦମାନଙ୍କରେ ବିପୁଳ ଭାବେ ବର୍ଣ୍ଣନା କରିଅଛନ୍ତି ।

- **ଖ୍ରୀଷ୍ଟଙ୍କ ଠାରେ ଥିବା ପରିତ୍ରାଣ ବିଷୟରେ ଅନୁଗ୍ରହ ଦ୍ୱାରା ପ୍ରକାଶିତ ହେଲା ।** (୧ମ ପିତର ୧:୧୦) ପରିତ୍ରାଣର ଯୋଜନା ବିଷୟରେ ପ୍ରଥମେ ଭାବବାଦୀମାନଙ୍କ ଦ୍ୱାରା ପ୍ରକଟିତ ହୋଇ, ଖ୍ରୀଷ୍ଟଙ୍କ ମରଣ, ସମାଧି ଓ ପୁନଃରୁଥାନ ଦ୍ୱାରା ସଫଳ ହୋଇଅଛି । ସୁସମାଚାର ଏହି ସତ୍ୟ ପ୍ରକଟ କରେ । ଆତ୍ମାଙ୍କ ସାହାଯ୍ୟରେ ଏହି ସତ୍ୟର ଆଜ୍ଞାବହ ହୋଇ ମନୁଷ୍ୟ ପୁନଃଜନ୍ମ ଗ୍ରହଣ କରେ । (୧ମ ପିତର ୧:୨୨,୨୩) ପେଣ୍ଟିକଷ୍ଟ ଦିନର ଓ କର୍ଣ୍ଣଲୀୟ ଗୃହର ହୋଇଥିବା ମନପରିବର୍ତ୍ତନର ଘଟଣାବଳୀ ଏହା ପ୍ରମାଣିତ କରେ ।

- **ପରମେଶ୍ୱରଙ୍କ ଅନୁଗ୍ରହ ଉତ୍ତମ ସେବା କାର୍ଯ୍ୟ କରିବାରେ ପ୍ରବର୍ତ୍ତାଏ** (୧ମ ପିତର ୪:୧୦) ଅନୁଗ୍ରହର ଉତ୍ତମ ଭଣ୍ଡାର ଘରିଆମାନେ, ଈଶ୍ୱରଙ୍କ ବାକ୍ୟର ପ୍ରଚାରକ ପରି ପ୍ରଚାର କରନ୍ତି । ସେମାନେ ଈଶ୍ୱରଙ୍କ ଠାରୁ ଶକ୍ତିପ୍ରପାତ ହୋଇ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଈଶ୍ୱରଙ୍କୁ ଗୌରବାନ୍ୱିତ କରନ୍ତି ।

- **ପରମେଶ୍ୱରଙ୍କ ଅନୁଗ୍ରହ ବିଶ୍ୱାସରେ ସୁସ୍ଥିର ରହିବାରେ ସାହାଯ୍ୟ କରେ** (୧ମ ପିତର ୫:୧୨) ଏହି ସତ୍ୟତା ଆମ୍ଭେମାନେ ଉତ୍ତମ ବାଇବଲ ଶିକ୍ଷକମାନଙ୍କ ଦ୍ୱାରା ଓ ଲିଖିତ ବାକ୍ୟ ଦ୍ୱାରା ଶିକ୍ଷା କରୁ । ଦୃଢ଼ ବିଶ୍ୱାସ, ସତ୍ୟ ଓ ଈଶ୍ୱରଙ୍କ ଶକ୍ତି ବିଷୟକ ଜ୍ଞାନ ଆମ୍ଭମାନଙ୍କୁ ଦିନକୁ ଦିନ ଦୃଢ଼ କରେ ।

- **ଯୀଶୁଖ୍ରୀଷ୍ଟଙ୍କ ଦ୍ୱିତୀୟ ଆଗମନ ସମୟରେ ଆମ୍ଭମାନଙ୍କ ଉପରେ ଅନୁଗ୍ରହ ବର୍ତ୍ତିବ** (୧ମ ପିତର ୧:୧୩) ଏଥି ନିମନ୍ତେ ଆମ୍ଭମାନଙ୍କୁ ପବିତ୍ର ଜୀବନଯାପନ କରିବା ଆବଶ୍ୟକ । ଆମ୍ଭମାନଙ୍କ ଆହ୍ୱାନକର୍ତ୍ତା ଆମ୍ଭମାନଙ୍କ ପିତା ପରମେଶ୍ୱର ଯେପରି ପବିତ୍ର, ଆମ୍ଭେମାନେ ସେରୂପେ ପବିତ୍ର ଜୀବନଯାପନ କରୁ । "....ଆଜ୍ଞାବହ ସନ୍ତାନମାନଙ୍କ ପରି ସମସ୍ତ ଆଚରଣରେ ସେହିପରି ପବିତ୍ର ହୁଅ ।" (୧ମ ପିତର ୧:୧୫)

ଖ୍ରୀଷ୍ଟିୟ ପରିଚର୍ଯ୍ୟାରେ ପିତର ଏକ 'ପଥର' ରୂପେ ବ୍ୟବହୃତ ହେବେ ବୋଲି ଯୀଶୁଙ୍କ ଭାବବାଣୀ କେତେ ସତ୍ୟ । ଯୀଶୁଖ୍ରୀଷ୍ଟଙ୍କ ଅନୁଗ୍ରହ ଓ ସତ୍ୟତା ବିଷୟକ ପିତରଙ୍କ ଏହି ପତ୍ର ଆମ୍ଭମାନଙ୍କ ନିମନ୍ତେ କେତେ ମୂଲ୍ୟବାନ୍ !

***William Woodson***

---

**Edited & Published by : Kabita & Joshua Gootam**

# TWO KINGDOMS

INTRODUCTION :

1. There are two kingdoms on the earth today.
2. All people are in one or the other.
3. They are both powerful.
4. They are opposed to one another.
5. Let us consider each one.

DISCUSSION :

**I. Earthly Kingdom. (1 Corinthians 6:9; Galatians:5:21).**

1. It is of the world. (John 18:36).
2. Satan is its ruler. (Ephesians 6:12; Matthew 4).
3. Its subjects are sinners. (Romans 3:23).
4. It is full of darkness. (1 Peter 2:9).
5. It is full of sin. (Galatians 1:4).
6. It is described as worldly. (1 John 2:15).
7. The religions of men are here. (Mark 7:7).
8. It is called the broad way. (Mattew 7:13,14).
9. It represents the sand. (Mattew 7:21-24).
10. It will be cast into hell. (1 John 2:17).

**II. Spiritual Kingdom, (Matthew 6:33;John 18:36).**

1. It is of the spiritual. (Galatians 6:1).
2. Christ is its head. (Colossians 1:18).
3. Its subjects are Christians. (Ephesians 5:24).
4. It is full of light. (1 Peter 2:9).
5. It is full of righteousness. (1 Peter 4:18).
6. It is the church. (Matthew 16:18.19; Hebrews 12:28).
7. It contains the saved. (Mark 16:16; Acts 2:47).
8. It consists of the faithful. (James 1:12).
9. All spiritual blessings are in it. (Ephesians 1:3).
10. It represents the narrow way. (Matthew 7:13-14).
11. It is like building on the rock. (Matthew 7:21-24).

**III. Transferring from one Kingdom to the other.**

1. Christ tells how in John 3:3.
2. One must take the right steps :
   a. Believe. (Hebrews 11:6).
   b. Repent. (Acts 17:30).
   c. Confess. (Romans 10:10).
   d. Baptism (Mark 16:16).
3. This translates one from the kingdom of darkness to the kingdom of light. (Colossians 1:13,14).

CONCLUSION :

1. The earthly kingdom has nothing special to offer.
2. The spiritual kingdom of God is the greatest kingdom in all the world.
3. The Lord's kingdom not only offers blessings now but eternal life to come.-

**J.C.Choate.**

FROM :

SATYA VANI
P.O.BOX.80,
KAKINADA - 533 001.

PRINTED BOOK ONLY

To

(FOR PRIVATE CIRCULATION ONLY)